# Akashvani, Sambalpur

## SAMBALPURI NEWS EVENING BULLETIN

## 14 October 2026-7.02- 7.12 pm.

---

୧- ରେଲ୍ କର୍ମଚାରୀମାନ୍‌କର୍ ଲାଗି ୭୮ ଦିନର୍ ଉତ୍ପାଦକତା ଆଧାରିତ୍ ବୋନସ୍ - ପି.ଏଲ୍.ବି.କେ କେନ୍ଦ୍ର କେବିନେଟ୍‌ର ମଞ୍ଜୁରୀ ।

୨- ଯାଜ୍‌ପୁର୍ କଳିଙ୍ଗ ନଗର୍ ଠାନେ ପାଖାପାଖି ୩୯ ହଜାର୍ ୩ ଶହ ୮୩ କୋଟି ଟଙ୍କାର୍ ୪୬ ଟା ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

୩- ରାଏଜେ ଛାତ୍ର ସଂସଦ୍ ନିର୍ବାଚନ୍ ଲାଗି ଆଏବା କାଏଲ୍ ହେବା ଭୋଟ୍ ।

ଆଉର୍

୪- ଦେବ୍‌ଗଡ୍ ଜିଲ୍ଲା ଦେଇକରି ଯାଇଥିବା ଜାତୀୟ ରାଜ୍‌ପଥ୍ ୪୯ ଥି ସଡ଼କ୍ ଭିତିଭୂମିର୍ ବିକାଶ୍ ଲାଗି କେନ୍ଦ୍ର ସଡ଼କ୍ ପରିବହନ୍

ଆଉ ରାଜ୍‌ପଥ୍ ମନ୍ତ୍ରୀଙ୍କୁ ଅନୁରୋଧ୍ କଲେ ସମ୍ବଲ୍‌ପୁର୍ ସାଂସଦ୍ ।

କେବିନେଟ୍ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କେବିନେଟ୍ ଚଲ୍‌ତି ପାର୍ବଣ ଋତୁ ଆଘ୍‌ରୁ ରେଲ୍ କର୍ମଚାରୀମାନ୍‌କର୍ ଲାଗି ୭୮ ଦିନର୍ ଉତ୍ପାଦକତା ଆଧାରିତ୍ ବୋନସ୍ - ପି.ଏଲ୍.ବି.କେ ମଞ୍ଜୁର୍ କରିଛେ । କେବିନେଟ୍‌ର ନିଷ୍ପତି ବାବ୍‌ଦେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍,

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

ଫି' ବଛର୍ ଦୁର୍ଗାପୂଜା ଆଉ ଦଶ୍‌ରା ଛୁଟି ଆଗ୍‌ରୁ ଯୋଗ୍ୟ ରେଲ୍ କର୍ମଚାରୀମାନ୍‌କୁ ପିଏଲ୍‌ବି ଦିଆଯାଏସି । ଚଲ୍‌ତି ବଛର୍ ଭିଲ୍ ପାଖାପାଖି ୧୧ ଲାଖ୍ ୪୯ ହଜାର୍ ଅଣ ଗେଜେଟେଡ୍ ରେଲ୍ କର୍ମଚାରୀଙ୍କୁ ପିଏଲ୍‌ବି ଦିଆଯାଉଛେ । ଯେନ୍‌ଟା ୭୮ ଦିନର୍ ଦର୍‌ମା ସଙ୍ଗେ ସମାନ୍ ଆଏ । ଯୋଗ୍ୟ ରେଲ୍

କର୍ମଚାରୀମାନ୍‌କୁ ସର୍ବାଧିକ୍ ୭୮ ଦିନ୍ ଲାଗି ୧୭ ହଜାର୍ ୯ ଶହ ୫୧ ଟଙ୍କା ବୋନସ୍ ଦିଆଯିବା । ଇ ଟଙ୍କା ଭିନ୍ ଭିନ୍ ବର୍ଗର୍ ରେଲ୍ କର୍ମଚାରୀଙ୍କୁ ଦିଆଯିବା ।

ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଶିଳାନ୍ୟାସ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାକେ ଶିଳ୍ପ ସମୃଦ୍ଧ କର୍‌ବାର୍ ସହେତେ ରାଜ୍ୟର୍ ପ୍ରତିଭାବାନ୍ ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ୍ ଦେବାର୍ ଲାଗି ସର୍‌କାର୍ ପୁରା ପ୍ରତିବଦ୍ଧ ଆନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଯାଜ୍‌ପୁର୍ ଜିଲ୍ଲା କଳିଙ୍ଗ ନଗର୍ ଠାନେ ଆଏଜ୍ ୩୯ ହଜାର୍ ୩ ଶହ ୮୩ କୋଟି ଟଙ୍କା ଖର୍ଚ୍ଚାଥି ୪୬ ଟା ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଶୁଭାରମ୍ଭ କରିଛନ୍ । ଇ ଯୁଗାନ୍ତକାରୀ ପଦକ୍ଷେପ୍ ଲାଗି ରାଏଜେ ୪୨ ହଜାର୍ ୫ ଶହ ୧୨ ଟା ନିଯୁକ୍ତି ସୁଯୋଗ୍ ତିଆର୍ ହେଇପାର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସ୍ଥାନୀୟ ସମ୍ବଲ୍‌ର ସଠିକ୍ ଉପଯୋଗ୍, ଶିଳ୍ପ ପ୍ରସାର୍ ଆଉ ସବୁ ଓଡ଼ିଆ ପରିବାର୍ ନିକେ ସମୃଦ୍ଧି ପହଁଚାବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଉଛେ । ଗୁଟେ ଆତ୍ମନିର୍ଭର୍, ବିକଶିତ୍ ଆଉ

ସମୃଦ୍ଧ ଓଡ଼ିଶା ଗଠନ୍ ଦିଗେ ସର୍‌କାର୍‌ଙ୍କର୍ ଇ ପ୍ରଗତି ଯାତ୍ରା ଜାରି ରହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ଶିଳ୍ପ ନିବେଶ୍ ଆଉ ସମ୍ଭାବନା ଉପ୍‌ରେ ଉପସ୍ଥିତ୍ ଶିଳ୍ପପତିଙ୍କର୍ ସଙ୍ଗେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ୍‌ଥି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ ଆଉ ସାଂସଦ୍ ରବୀନ୍ଦ୍ର ନାରାୟଣ୍ ବେହେରା ପ୍ରମୁଖ ଉପସ୍ଥିତ୍ ଥିଲେ ।

ପଂଚାୟତ୍ ନିର୍ବାଚନ୍ ଭୋଟର୍ ତାଲିକା ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଆଏବା ପଂଚାୟତ୍ ଆଉ ପୌର ନିର୍ବାଚନ୍ ଲାଗି ସ୍ୱଚ୍ଛ ନିରପେକ୍ଷ ଆଉ ନିର୍ଭୁଲ୍ ଭୋଟର୍ ତାଲିକା ତିଆର୍ କର୍‌ବାର୍ ଲାଗି ରାଜ୍ୟ ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ଆଏବା ୨୬ ତାରିଖ୍‌ନୁ ଘର୍‌କେ ଘର୍ ସର୍ଭେ କାମ୍ ମୁଲ୍ ହେବା । ଇ ବାବ୍‌ଦେ ରାଜ୍ୟ ନିର୍ବାଚନ୍ ଆୟୁକ୍ତ ମଧୁସୂଦନ୍ ପାଢ଼ୀ ଆଏବା

କାଏଲ୍ ଉପର୍‌ବେଲା ଭୁବ୍‌ନେଶ୍ୱର୍ ନ ଥିବା କାର୍ଯ୍ୟାଲୟ ନ ଗଣମାଧ୍ୟମ୍‌କେ ସୂଚ୍‌ନା ଦେବେ ।

ଛାତ୍ରସଂସଦ୍ ନିର୍ବାଚନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଛାତ୍ର ସଂସଦ୍ ନିର୍ବାଚନ୍ ଲାଗି ଆଏଜ୍ 'ହ୍ୱାଏ ଆଇ ଷ୍ଟାଣ୍ଡ୍ ଫର୍ ମିଟିଂ' ହେଇଛେ । ନିର୍ବାଚନ୍ ଲାଗି ଗଲାକାଏଲ୍ ପ୍ରଚାର୍ ଶେଷ୍ ହେଇଛେ । ଆଏବା କାଏଲ୍ ସଖାଲର୍ ୮ ବଜେନୁ ଉପର୍‌ବେଲା ୨ ବଜେତକ୍ ଭୋଟ୍ ହେଇକରି ଫଲାଫଲ୍ ଘୋଷ୍‌ନା କରାଯିବା । ୧୬ ତାରିଖ୍ ସଖାଲେ ନୂଆଁକରି ନିର୍ବାଚିତ୍ ପ୍ରତିନିଧିଙ୍କର୍ ଶପଥ୍ ଗ୍ରହଣ୍ ସମାରୋହ କରାଯିବା । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ନିର୍ବାଚନ୍ ଲଢୁଥିବା ସବୁ ପ୍ରାର୍ଥୀମାନ୍‌କୁ ଶୁଭେଚ୍ଛା ଜନେଇଛନ୍ । ବିନା ହିଂସାଥି ଶାନ୍ତିଶୃଙ୍ଖଲାର୍ ସହେତେ ମତଦାନ୍ କର୍‌ବାର୍ ସହେତେ ଶ୍ରୀ ସୂରଜ୍ ଛାତ୍ରଛାତ୍ରୀମାନ୍‌କୁ ନିବେଦନ୍ କରିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟର୍ ୩ ଶହ ୨୮ ଟା ମହାବିଦ୍ୟାଳୟ ଆଉ ୧୩ ଟା ବିଶ୍ୱବିଦ୍ୟାଳୟ ନ ଛାତ୍ରସଂସଦ୍

ଲାଗି ନିର୍ବାଚନ୍ ହେବା । ୨ ଶହ ୨ ଟା ମହାବିଦ୍ୟାଲୟ ଆଉ ୩ ଟା ବିଶ୍ୱବିଦ୍ୟାଲୟ ନ ନିର୍ବାଚନ୍ ବଦ୍‌ଲେ ଛାତ୍ର ସଂସଦ୍ ବଛାଯିବା ।

ନୂତନ ଶ୍ରମ ସଂହିତା        ଏନ୍‌ଏସ୍‌ଡି/କଳାହାଣ୍ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀକ ଜୀବନଥି ୨୫ ବଛର୍ ପୁରା କରିଛନ୍ । 'ଜନସେବାନୁ ଦେଶସେବା' ମନ୍ତ୍ରକେ ଆଧାର କରିକରି ତାଙ୍କର୍ ଇ ଜୟଯାତ୍ରା ଜାରି ରହିଛେ । 'ସେବା ଆଉ ସୁଶାସନ'ର ଇ ଦୃଷ୍ଟିକୋଣକେ ନେଇକରି ୨୦୪୭ ତକ୍ ବିକଶିତ ଭାରତ୍ ଗଠନ୍‌ର ଲକ୍ଷ୍ୟ ହାସଲ୍ ଦିଗେ ସର୍‌କାର୍ ଲଗାଏତ୍ କାମ୍ କରୁଛନ୍ । ସମାବେଶୀ ବିକାଶ୍ ଆଉ ସାମାଜିକ ସଶକ୍ତିକରଣ ଜରିଏ ଇ ଚେଷ୍ଟା ଜନଜୀବନଥି ପରିବର୍ତ୍ତନ୍ ଆନିଛେ । ଆମର୍ ଇ ଖାସ୍ ଶୃଙ୍ଖଳାଥି ଆଏଜ୍ ଶୁନ୍‌ମା 'ନୂତନ ଶ୍ରମ ସଂହିତା' ବାବ୍‌ଦେ ।

(ଭଏସ୍ ଓଭର୍- ସୁପ୍ରିତୀ ମିଶ୍ର)

ଶ୍ରମିକ୍ ମାନ୍‌କର୍ ଅଧିକାର୍ ଆଉ ସାମାଜିକ୍ ସୁରକ୍ଷା, ନ୍ୟାୟସଂଗତ୍ ମଜୁରୀ, ନିରାପଦ୍ କାର୍ଯ୍ୟପରିବେଶ୍‌କେ ସୁନିଶ୍ଚିତ୍ କର୍‌ବାର୍ ଲକ୍ଷ୍ୟ ନେଇକରି ଦେଶେ ଶ୍ରମ ଆଇନ୍ କ୍ଷେତ୍ରଥି ସଂସ୍କାର୍ ଅନାଯାଇଛେ । ୨୯ ଟା ପୁର୍‌ନା ଶ୍ରମ ଆଇନ୍‌କେ ଏକ୍ କରିକରି ୪ ଟା ଶ୍ରମ ସଂହିତା ତିଆର୍ କରାଯାଇଛେ । ସେସବୁ ହେଲା । ମଜୁରୀ ସଂହିତା, ସାମାଜିକ୍ ସୁରକ୍ଷା ସଂହିତା, ଶିଳ୍ପ ସମ୍ପର୍କ ସଂହିତା ଆଉ ବୃତିଗତ ନିରାପତା, ସ୍ୱାସ୍ଥ୍ୟ ଆଉ କାର୍ଯ୍ୟପରିବେଶ୍ ସଂହିତା । ନୂତନ୍ ଶ୍ରମ ସଂହିତାଥି ନିଯୁକ୍ତିପତ୍ର ବାଂଟ୍‌ବାର୍ ସର୍ବନିମ୍ନ ମଜୁରୀ ଆଉ ପ୍ରବାସୀ ଶ୍ରମିକ୍‌ମାନ୍‌କର୍ ସୁବିଧା ବାବ୍‌ଦେ ଜୋର୍ ଦିଆଯାଇଛେ । ଇ ବାବ୍‌ଦେ ସହକାରୀ ଶ୍ରମ ଅଧିକାରୀ ଭାବେଶ୍ ଭୋଇ କହିଛନ୍,

(ଭଏସ୍ ଓଭର୍- ଭାବେଶ୍ ଭୋଇ)

କଲାହାଣ୍ଡି ଜିଲ୍ଲା ନ କୃଷି, ନିର୍ମାଣ, ଖଣି, ଛୋଟ୍ ବ୍ୟବସାୟ ସହେତେ ଭିନ୍ ଭିନ୍ ଅଣ ସଂଗଠିତ୍ କ୍ଷେତ୍ରଥି ବହୁତ୍ ଶ୍ରମିକ୍ କାମ୍ କରୁଛନ୍ । ନୂଆଁ ଶ୍ରମ ସଂହିତା, ଶ୍ରମିକ୍ ମାନ୍‌କର୍ ଜୀବନ୍ ଜୀବିକାଥି ପରିବର୍ତନ୍ ଆନିଛେ ବଲି ଶ୍ରମିକ୍ ନେତା ବିଷ୍ଣୁ

ନାଏକ୍ କହିଛନ୍ । କଲାହାଣ୍ଡିନୁ ସମ୍ବାଦଦାତା ସୁନୀଲ୍ ପାଢ଼ୀଙ୍କର୍ ରିପୋର୍ଟ ସହେତେ ମୁଇଁ ସୁପ୍ରିତୀ ମିଶ୍ର ।

ଜାତୀୟ ରାଜପଥ ଏକ୍ସ

ସମ୍ବଲପୁର୍ ଲୋକ୍‌ସଭା ନିର୍ବାଚନ୍ ମଣ୍ଡଲୀ ଅନ୍ତର୍ଗତ୍ ଦେବ୍‌ଗଡ଼୍ ଜିଲ୍ଲା ଦେଇକରି ଯାଇଥିବା ୪୯ ନମ୍ବର୍ ଜାତୀୟ ରାଜପଥ୍‌ଥି ସଡ଼କ୍ ଦୁର୍ଘଟଣା ବଢୁଥିବାର୍‌ନୁ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ କେନ୍ଦ୍ର ସଡ଼କ୍ ପରିବହନ୍ ଆଉ ରାଜ୍‌ପଥ୍ ମନ୍ତ୍ରୀ ନୀତିନ୍ ଗଡ଼୍‌କରୀଙ୍କୁ ଚିଠି ଲେଖିକରି ବିର୍ସାମୁଣ୍ଡା ଛକ୍ ଠାନେ ଅଣ୍ଡର୍‌ପାସ୍ ସହେତେ କଲା ତିଲେଇବଣି ନ ସର୍ଭିସ୍ ରୋଡ୍ ତିଆରି କର୍‌ବାର୍ ଲାଗି ଅନୁରୋଧ୍ କରିଛନ୍ । ଶ୍ରୀ ପ୍ରଧାନ୍ ତାଙ୍କର୍ ଚିଠିଥି କହିଛନ୍, ଇ ଜାତୀୟ ରାଜ୍‌ପଥ୍‌ଥି ଆନ୍ତଃରାଜ୍ୟ ପଣ୍ୟବାହୀ ଆଉ ଟ୍ରାଫିକ୍ ଚଲାଚଲ୍ ସହେତେ ସେନର୍ ଲୁକ୍‌କର୍ ଯା’ଆସ୍ ବଢ଼୍‌ବାର୍‌ଥି ଲାଗିଛେ । ଇଥିର୍‌ଲାଗି ଦେବ୍‌ଗଡ଼୍ ବାଇପାସ୍ ଆରମ୍ଭନୁ ଥିବା ଆମ୍ବେଦ୍‌କର୍ ଛକ୍ ପାଶର୍ ୱାଇ ଜଙ୍କସନ୍ ଠାନେ ଜବର୍ ଟ୍ରାଫିକ୍ ସମସ୍ୟା

ଦେଖାଦଉଛେ । ଇଥିର୍‌ଲାଗି ସେଠାନେ ଗୁଟେ ସର୍ଭିସ୍ ରୋଡ୍
ଆଉ ହାଇୱ୍ୱେ ଲାଇଟିଂ ବ୍ୟବସ୍ଥା ସହେତେ ଗୁଟେ ଏଲିଭେଟେଡ୍ ଫ୍ଲାଇଓଭର୍ ତିଆର୍ କର୍‌ବାର୍‌ଟା ବହୁତ୍ ଜରୁରୀ ହେଇଛେ ବଲି ଶ୍ରୀ ପ୍ରଧାନ୍ ଚିଠିଥି ଦର୍ଶେଇଛନ୍ । ସେନ୍ତା ଦେବ୍‌ଗଡ୍- ଅନୁଗୁଲ୍ ରୋଡ୍ ଦେଇକରି ଯାଇଥିବା ୨୧ ଆଉ ୪୯ ନମ୍ବର୍ ଜାତୀୟ ରାଜ୍‌ପଥ୍ ମିଶିଥିବା ବିର୍ସାମୁଣ୍ଡା ଛକ୍ ନ ସ୍ଲିପ୍ ରୋଡ୍ ଆଉ ଗୁଟେ ଅଣ୍ଡର୍‌ପାସ୍ ତିଆର୍ କରାଯିବାର୍ ଲାଗି କେନ୍ଦ୍ରମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ୍ ପ୍ରସ୍ତାବ୍ ଦେଇଛନ୍ ।

ନବରାତ୍ର ପୂଜା ଆର୍‌ଏନ୍‌ୟୁ ସମ୍ବଲପୁର

ସାରା ଦେଶେ ଏଛେନ୍ ପୂଜାର୍ ମାହୋଲ୍ ଲାଗି ରହିଛେ । ରାଜ୍ୟ ଆର୍ ଦେଶର୍ ଭିନ୍ ଭିନ୍ ଶକ୍ତିପୀଠ ମାନ୍‌କେ ମାଁ ଦୁର୍ଗାଙ୍କର୍ ନବରାତ୍ର ପୂଜା ଚାଲିଛେ । ଆଏଜ୍ ନବରାତ୍ରୀର ୪ ନମ୍ବର୍ ଦିନେ ମା କୁଷ୍ମାଣ୍ଡାଙ୍କୁ ପୂଜା କରାଯାଉଛେ । ମାତା କୁଷ୍ମାଣ୍ଡା ବ୍ରହ୍ମାଣ୍ଡ ରଚନା କରିଥିବା ବିଷେ ପୁରାଣ୍‌ଥି ରହିଛେ । ଦେବୀ କୁଷ୍ମାଣ୍ଡା ହେଉଛନ୍ ତେଜ ଆଉ ପ୍ରତାପ୍‌ର ସ୍ୱରୂପ । ସେ ସୃଷ୍ଟିର

ଆଦିସ୍ୱରୂପା, ଆଦିଶକ୍ତି ଆଉ ଅଷ୍ଟଭୂଜା ଆନ୍ । ମା ଙ୍କର୍ ୭ ଟା ହାତେ କମଣ୍ଡଲୁ, ଧନୁ, ଶର୍, ପଦ୍ମ, ଅମୃତ କଳସ, ଚକ୍ର, ଗଦା ଆର୍ ୮ ନମ୍ବର୍ ହାତେ ସବୁ ସିଦ୍ଧି ଆଉ ନିଧି ଦେଉଥିବା ଜପମାଲା ରହିଛେ । ମା'ଙ୍କର୍ ଆରାଧନା ମନ୍ ଭିତ୍ରେ ସକାରାତ୍ମକ୍ ଭାବ୍ନା ସହେତେ ଜୀବନ୍‌ଥି ଆଶା ଆଉ ଆତ୍ମବିଶ୍ୱାସ୍ ଉଜାଗର୍ କର୍‌ସି । ନବରାତ୍ରୀର୍ ଇ ପବିତ୍ର ଅବ୍‌ସରେ ମା' ସମ୍‌କର୍ ଜୀବନ୍‌ଥି ସୁଖ୍, ସମୃଦ୍ଧି ଭରିଦଉନ୍ । ମା କୁଷ୍ମାଣ୍ଡାଙ୍କର୍ ପୂଜା କଲେ ଭକ୍ତର ସବୁ ରୋଗ ଶୋକ ଦୂର୍ ହେସି । ସେନ୍ତା ଆୟୁ, ଯଶ, ବଳ ଆର୍ ଆରୋଗ୍ୟ ଭିଲ୍ ମିଲ୍‌ସି ।

ଡେମ୍ ସେଫ୍ଟି ଉତ୍ସବ        ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌କେ ଲାଗିକରି ଥିବା ଶୈଳେନ୍ଦ୍ର ନାରାୟଣ୍ ଇଞ୍ଜିନିୟରିଂ ରସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଠାନେ ଡେମ୍ ସେଫ୍ଟି ଉତ୍ସବ୍ ଆଏଜ୍ ପାଲିତ୍ ହେଇଯାଇଛେ । ବନ୍ଧର୍ ସୁରକ୍ଷା ଆଇନ୍ - ୨୦୨୧ ଅନ୍‌ସାରେ ଇ ଉତ୍ସବ୍ ପାଳନ୍ କରାଯାଉଛେ । ଇ

ଅବ୍‌ସରେ ହୀରାକୁଦ୍ ବନ୍ଧ ପୁରାପୁରି ସୁରକ୍ଷିତ୍ ଥିବାର୍ ବେଲେ ଫାଉଣ୍ଡେସନ୍ ଗେଲେରୀ ନ ହେଇଥିବା ଫାଟ ବିପଦ୍ ନୁହେଁ ଆର୍ ତାର୍ ଫି ବଛର୍ ମରାମତି ହେଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ନେସ୍‌ନାଲ୍ ଡେମ୍ ଅଥରିଟି ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଚାଷୀ, ସ୍ଥାନୀୟ ଲୁକ୍‌କର୍ ସହେତେ ଛାତ୍ରଛାତ୍ରୀ ମାନେ ସାମିଲ୍ ହେଇଥିଲେ ।

ବିଦ୍ୟାଳୟ ସମୂହ ପ୍ରତିଯୋଗିତା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଠାନେ ଚାଲିଥିବା ପହେଲା ଓଡ଼ିଶା ରାଜ୍ୟସ୍ତରୀୟ ୧୪ ବଛର୍‌ନୁ କମ୍ ବାଳକ ବିଦ୍ୟାଳୟ ସମୂହ ପ୍ରତିଯୋଗିତାର୍ ପହେଲା ଦିନର୍ ଖେଲ୍‌ଥି ୨୦ ଟା ଶିକ୍ଷା ଜିଲ୍ଲାର୍ ଫୁଟ୍‌ବଲ୍ ଦଲ୍ ଗାନ୍ଧୀ ଷ୍ଟାଡ଼ିୟମ୍ ରିଜର୍ଭ ପୁଲିସ୍ ପଡ଼ିଆ ଆଉ ରାମେଶ୍ୱର୍ ଷ୍ଟାଡ଼ିୟମ୍ ଖେଲ୍‌ପଡ଼ିଆ ନ ପ୍ରତିପକ୍ଷଙ୍କର୍ ସାଙ୍ଗେ ଖେଲିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟନୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ୍ କରିଛେ । ଆଏବା ୪ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଚଡ଼କ୍ ମାର୍‌ବାର୍ ସହେତେ ବର୍ଷା ହେବାର୍ ସମ୍ଭାବନା ରହିଛେ । ୨୪ ଘଂଟା ଭିତ୍‌ରେ ଚଡ଼କ୍ ମାରିକରି ବର୍ଷା ହେବା ବଲି ନୟାଗଡ଼୍, ଗଞ୍ଜାମ୍, ଗଜପତି, ରାୟଗଡ଼ା, କୋରାପୁଟ୍, ମାଲ୍‌କାନ୍‌ଗିରି, ଖୋର୍ଦ୍ଧା ଆଉ ପୁରୀ ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।